ରାଜ୍ୟ ଖବର

cjû^\ú a*û@ iùPZ^ e[K ÊûMZ

ମହାନଦୀ ବଚାଓ ଆନ୍ଦୋଲନ
MAHA
ମହାନଦୀ ବଞ୍ଚାଅ ଆ
ଛତିଶଗଡ଼ରେ କଲମା ବ୍ୟାରେଜ ଗେଟ୍ ବନ୍ଦ
ମହାନଦୀ ବଞ୍ଚାଅ ଯାତ୍ରା
ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତିଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ଅଭିଯାନ
ମହାନଦୀ ଓଡ଼ିଶାର ଗଙ୍ଗା

ନିମାପଡ଼ା,(ଆପ୍ର): ରାଜ୍ୟରେ ମହାନଦୀ ବିବାଦ ଜାରି ରହିଛି। ଛତିଶଗଡ ଓଡିଶାକୁ ସୁଖାଇ ଦେବା ପାଇଁ ବ୍ୟାରେଜ ନିର୍ମାଣ କରି ମହାନଦୀ ଜଳକୁ ହଡପ ଉଦ୍ୟମ କରିବା ଘଟଣାକୁ ନେଇ ଓଡିଶା ମହାନଦୀ ବଞ୍ଚାଅ କମିଟିର ଆବାହକ ତଥା ସମାଜସେବୀ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଛତିଶଗଡ ନିର୍ମାଣ କରୁଥିବା ବ୍ୟାରେଜଠାରୁ ଏକ ସଚେତନ ରଥ ଓ ଦସ୍ତଖତ ଅଭିଯାନ ବାହାରି ବିଭିନ୍ନ ସହର ପରିକ୍ରମା କରୁଛି । ରବିବାର ସନ୍ଧ୍ୟା ୭ଘଟିକା ସମୟରେ ଏହି ସଚେତନ ରଥ ନିମାପଡା ଦୋଳବେଦୀ ଛକରେ ପହଞ୍ଚିବା ପରେ ହଜାର ହଜାର ସଂଖ୍ୟକ ଦର୍ଶକ ଏହାକୁ ସ୍ୱାଗତ କରିବା ସହିତ ଆବାହକ ସୁଦର୍ଶନ ଦାସଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଭାରତର ଉଚ୍ଚ ନ୍ୟାୟାଳୟକୁ ଜନସାଧାରଣଙ୍କ ମିଳିତ ସ୍ୱାକ୍ଷର ପ୍ରଦାନ କରାଇବା ପାଇଁ ଏକ ଘଣ୍ଟା ବ୍ୟାପୀ ଦସ୍ତଖତ ଅଭିଯାନ ଚାଲିଥିବା ଦେଖିବାକୁ ମିଳିଥିଲା । ଛତିଶଗଡ ବ୍ୟାରେଜ ନିର୍ମାଣ କାର୍ଯ୍ୟରୁ ଓହରି ନଗଲେ ଓଡିଶା ବାସୀଙ୍କ ପକ୍ଷରୁ ପ୍ରତ୍ୟେକ ଗାଁ ଗହଳି ଓ ସହରରେ ଏହାର ପ୍ରତିବାଦ କରାଯିବ ବୋଲି ନିମାପଡା ସଚେତନ ନାଗରିକଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି ।

4 ahe ggK^ýûK \Ãc

ନିଳଗିରି, (ଆପ୍ର) : ନିଳଗିରି ଥାନା ଅନ୍ତର୍ଗତ ବାଉଁଶବଣିଆ ଅଞ୍ଚଳର ଜଣେ ୪ ବର୍ଷୀୟ ଶିଶୁକନ୍ୟା ସହିତ ଜଣେ ପଡୋଶୀ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହୋଇଛି । ଶନିବାର ଅପରାହ୍ନରେ ଝିଅଟି ଘର ସମ୍ମୁଖ ଦାଣ୍ଡରେ ଖେଳୁ ଥିବା ବେଳେ ପଡୋଶୀଘରର ଜଣେ ଯୁବକ ତାକୁ ଚକୋଲେଟ୍ ଦେବା ପାଇଁ ପ୍ରଲୋଭନ ଦେଖାଇ ଘରକୁ ଡାକି ନେଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ତେବେ ଝିଅଟି ପୀଡା ସହିନପାରି ମା' ଆଗରେ ସବୁକଥା କହିବାରୁ ତାକୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏପଟେ ପୀଡିତାର ବାପା ସ୍ଥାନୀୟ ଥାନରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ ୭୨/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଅଭିଯୁକ୍ତ ଫେରାର ଥିବାରୁ ତାକୁ ଗିରଫ କରାଯାଇପାରିନାହିଁ। ଅଭିଯୁକ୍ତର ପରିବାର ଏହି ଘଟଣାର ଆପୋଷ ସମାଧାନ ପାଇଁ ଉଦ୍ୟମ କରିଥିଲେ ମଧ୍ୟ ତାହା ଫଳପ୍ରଦ ହୋଇପାରିନାହିଁ।

eûRýÉeúd LŠûdZ I Zd _ûAK icûùeûj

ଓଡ଼ିଆ ନବବର୍ଷର ପାଳନ ଅବସରରେ

ଖୋର୍ଦ୍ଧା, (ଆପ୍ର): ଖଣ୍ଡାୟତ କ୍ଷତ୍ରିୟ କଳ୍କୀସେନା ପକ୍ଷରୁ ବେଗୁନିଆ ବ୍ଲକ ଭୋଗଡ଼ା ଠାରେ ରାଜ୍ୟସ୍ତରୀୟ ଖଣ୍ଡାୟତ ପାଇକ ସମାରୋହ ଏପ୍ରିଲ ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ପାଇକ ବିଦ୍ରୋହର ଦୁଇ ଶହ ବର୍ଷ ପୂର୍ତ୍ତି ପାଳନ ଅବସରରେ ଯୋଗୀନାଥ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଷୁବ ସଂକ୍ରାନ୍ତି ଓଡ଼ିଆ ନବବର୍ଷ ପାଳନ ଅବସରରେ ସାଂସଦ ଡ. ପ୍ରସନ୍ନ ପାଟଶାଣୀ, ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଲୋକନାଥ ପାତ୍ର ଓ ରତିକାନ୍ତ କହଳସିଂହ ପ୍ରମୁଖ ଯୋଗଦେଇ ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଆ ଭାଷା ପ୍ରଚଳନ ତଥା ବେଗୁନିଆରେ ସମରକଳା ଏକାଡେମୀ ପ୍ରତିଷ୍ଠା ପାଇଁ ଗୁରୁତ୍ୱ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ଖୋର୍ଦ୍ଧାର ଅତିରିକ୍ତ ମୁଖ୍ୟ ବିଚାରପତି ଲଳିତ କୁମାର ଦାଶ, ଖୋର୍ଦ୍ଧା ବାର୍ ଆସୋସିଏସନ୍ ସଭାପତି ଶିଶିର କୁମାର ପରିଡ଼ା, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ସମାଜସେବୀ ସଂଘମିତ୍ରା ରାଜଗୁରୁ, ପିଙ୍କି ଭଞ୍ଜ, ଡ. ଶମ୍ଭୁଦତ୍ତ ସ୍ୱାଇଁ, ସଂଜୟ କୁମାର ହରିଚନ୍ଦନ, ଗୋଦାବରୀଶ ପାଇକରାୟ, ସଦାନନ୍ଦ ମଙ୍ଗରାଜ, ପାଇକ ଗୁରୁ କାଶୀନାଥ ନାୟକ, ନବ କିଶୋର ବିଧାର, ସିଦ୍ଧେଶ୍ୱର ପ୍ରଧାନ, ଆଲୋକ ଜଗଦ୍ଦେବ, ବିଷ୍ଣୁ ଚରଣ ସାମନ୍ତରାୟ, କୁମୁଦିନୀ ରଣବୀର, ଅରକ୍ଷିତ ମତ୍ତଗଜସିଂହ ପ୍ରମୁଖ ପାଇକ ସଂସ୍କୃତି ଉଜ୍ଜୀବୀତ ରଖିବା ପାଇଁ ଆହ୍ୱାନ ଦେଇଥିଲେ । ବେଗୁନିଆ, ବୋଲଗଡ଼, ଖୋର୍ଦ୍ଧା, ଜଟଣୀ, ଟାଙ୍ଗୀ, ଭୁବନେଶ୍ୱର, କଣାସ ବ୍ଲକ ଅଂଚଳରୁ ବହୁ ପାଇକ ଦାୟାଦ ଯୋଗଦେଇଥିବା ବେଳେ ୨୮ଟି ପାଇକ ଆଖଡ଼ା ଦଳ ଯୋଗଦେଇ ସେମାନଙ୍କ ପାଇକ ସମରକଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ ଓ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଯୋଗୀନାଥ ବଳିଆରସିଂହ ଓ ବିଷ୍ଣୁ ଚରଣ ସାମନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେଇଥିଲେ ।

_Y MWfû A¬^ajú^ ùek

ବାଲେଶ୍ୱର, (ଆ.ପ୍ର.) : ଶନିବାର ବିଳମ୍ବିତ ରାତ୍ରିରେ ଧାମରାରୁ ଜାମସେଦପୁର ଯାଉଥିବା ଏକ କୋଇଲା ବୋଝେଇ ମାଲମାଡି ବାଲେଶ୍ୱର ଜିଲ୍ଲା କଣ୍ଟାପଡାରୁ ବାହାନଗା ଷ୍ଟେସନ ମଧ୍ୟରେ ୬ଟି ୱାଗନ ଇଞ୍ଜିନ ଠାରୁ ଅଲଗା ହୋଇଯାଇଥିଲା। ଏହି ୬ଟି ୱାଗନ ବିନା ଇଞ୍ଜିନ୍‌ରେ ପ୍ରାୟ ୨ କିଲୋମିଟର ପର୍ଯ୍ୟନ୍ତ ଗଡିଯାଇଥିଲା। ତେବେ ରେଳ ଅଧିକାରୀମାନେ ତ୍ୱରିତ ପଦକ୍ଷେପ ଗ୍ରହଣ କରି ଏହାକୁ ଅଟକାଇବାରେ ସକ୍ଷମ ହୋଇଥିଲେ।

_aZ^ ie_*u Mk

ଜୟପୁର, (ଆ.ପ୍ର.) : ରବିବାର ଜୟପୁରର ଦଣ୍ଡାବାଡି ହାଟରେ ମାଓବାଦୀମାନେ ରାମଗିରିର ପୂର୍ବତନ ସରପଞ୍ଚ ଆନନ୍ଦ ନାୟକଙ୍କୁ ଗୁଳିମାଡ କରିଛନ୍ତି। ତାଙ୍କ ପେଟ ଓ ମୁଣ୍ଡରେ ଗୁଳି ବାଜିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଜୟପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୧୦ ରୁ ୧୨ ସାଧାପୋଷାକଧାରୀ ମାଓବାଦୀ ଏହି ଅଘଟଣ ଘଟାଇଥିବା ଅଭିଯୋଗ ହୋଇଛି।

i^ûSeYû Cù^ûPZ

କଣାସ,(ଆପ୍ର): ଶିଶୁ-କିଶୋର ସାହିତ୍ୟ ପତ୍ରିକା ସୁନାଝରଣା ଖୋର୍ଦ୍ଧା ଗୀତାଭବନ ପରିସରରେ ଉନ୍ମୋଚିତ ହୋଇଯାଇଛି। ରାଜ୍ୟସ୍ତରୀୟ କବି, ଲେଖକ, ସମାବେଶ ଓ କବିତାପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଯୁବକ କବି ଶରତ ଚନ୍ଦ୍ର ମହାପାତ୍ରଙ୍କ ସଂପାଦନାରେ କଣାସ, ପୁରୀରୁ ପ୍ରକାଶିତ ସଷ୍ମାସୀକ ଶିଶୁ-କିଶୋର ସାହିତ୍ୟ ପତ୍ରିକା ସୁନାଝରଣା ଦ୍ୱିତୀୟ ସଂଖ୍ୟାକୁ ମୁଖ୍ୟ ଅତିଥି ହରିହର ମିଶ୍ର ଉନ୍ମୋଚିତ କରିଥିଲେ।

ù_ûfi @]Kûeúu _eùfûK

କଣାସ,(ଆପ୍ର): କଣାସ ବ୍ଲକ ଅନ୍ତର୍ଗତ ପାଣ୍ଡିଆକେରା ପଞ୍ଚାୟତର ତୁଳସୀପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ସ୍ୱେଚ୍ଛାକୃତ ଭାବେ ଅବସର ନେଇଥିବା ପୋଲିସ ଅଧିକାରୀ ହଟକିଶ୍ୱର ମାଷ୍ଟ୍ର ୮୯ବର୍ଷଙ୍କର ଶନିବାର ପରଲୋକ ହୋଇଯାଇଛି । ସେ କିଛିଦିନ ହେଲା ଅସୁସ୍ଥ ଥିଲେ।

__]û^cªú iWKe gkû^ýûi

ମାହାଙ୍ଗା (ଆ.ପ୍ର): ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ନୁର୍ତ୍ତାଙ୍ଗ-ଆନନ୍ଦପୁର ରାସ୍ତାର ଶୁଭ ଶିଳାନ୍ୟାସ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ,ପରିବାର କଲ୍ୟାଣ, ଆଇନ ଓ ସୂଚନା ଲୋକ ସଂପର୍କ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ୨ କୋଟି ୪ ଲକ୍ଷ ୨୪ ହଜାର ବ୍ୟୟ ମଞ୍ଜୁରରେ ପ୍ରଧାନମନ୍ତ୍ରୀ ସଡକର ଶୁଭ ଶିଳାନ୍ୟାସ କରିଥିଲେ। ଏହି ରାସ୍ତା ନିର୍ମାଣ ହେବା ଦ୍ୱାରା ନୁର୍ତ୍ତାଙ୍ଗ,ଆନନ୍ଦପୁର,ମଉଦା ପଞ୍ଚାୟତ ୧୦ରୁ ଉର୍ଦ୍ଧ ଗ୍ରାମର ଗ୍ରାମବାସୀମାନେ ଗମନାଗମନରେ ଉପକୃତ ହେବେ। ଏହି ଉତ୍ସବରେ ବ୍ଲକ୍ ଅଧ୍ୟକ୍ଷ ଶରତ ନାୟକ,ଜିଲ୍ଲା ପରିଷଦ ସଭ୍ୟ ହୃଷିକେଶ ସ୍ୱାଇଁ,ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରାଜ କିଶୋର ଜେନା, ଭିକାରୀ ସ୍ୱାଇଁ, ଆନନ୍ଦପୁର ସରପଞ୍ଚ ଲଳିତ ମୋହନ ମହାପାତ୍ର, ସମିତି ସଭ୍ୟ ପ୍ରମୋଦ କୁମାର ବେହେରା ସମେତ ବହୁ ବିଜେଡି କର୍ମୀ ଓ ନେତା ଉପସ୍ଥିତ ରହିଥିଲେ। କନିଷ୍ଠମନ୍ତ୍ରୀ କୃଷ୍ଣଚନ୍ଦ୍ର ଧଳ, ମାନସରଂଜନ ଚୌଧୁରୀ, ଉପଖଣ୍ଡ ଅଧିକାରୀ ସୌମେନ୍ଦୁ ସୂତାର ପ୍ରମୁଖ ଉପସ୍ଥିତ ଥିଲେ ।

ସିରିଆ ଉପରେ ମିଳିତ ଆକ୍ରମଣକୁ କମ୍ୟୁନିଷ୍ଟର ନିନ୍ଦା

ଧର୍ମଶାଳା, (ଆପ୍ର) : ଧର୍ମଶାଳା ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଶାଖା ପକ୍ଷରୁ ଜାରକା ଠାରେ ଆମେରିକା,ଇଂଲଣ୍ଡ,ଫ୍ରାନସ ପକ୍ଷରୁ ସିରିଆ ଉପରେ ମିଳିତ ଆକ୍ରମଣ ବିରୁଦ୍ଧରେ ସର୍ବଭାତୀୟ ପ୍ରତିବାଦ ଦିବସ ଉପଲକ୍ଷେ ରବିବାର ଦିନ ଏକ ଶୋଭାଯାତ୍ରା ବାହାରି ଜାରକା ବଜାର ପରିକ୍ରମା କରି ବସଷ୍ଟାଣ୍ଡଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଜାରକା ଆଂଚଳିକ କମିଟି ସମ୍ପାଦକ କମ୍ରେଡ ଅକ୍ଷୟ ଦାସ ଏହି ଆକ୍ରମଣକୁ ଦୃଢ ନିନ୍ଦା କରି କହିଥିଲେ ଯେ ଆମେରିକା ପର୍ଯ୍ୟାୟକ୍ରମେ ବିଭିନ୍ନ ଦେଶ ଉପରେ ତାର ଫାଶିବାଦୀ ଆକ୍ରମଣ ଚଳାଇଛି। ବିଭିନ୍ନ ପ୍ରକାର ଆଳ ଦେଖାଇ ସେ ଆକ୍ରମଣ କରୁଛି ଏବଂ ସାରା ବିଶ୍ୱରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି କରୁଛି। କିନ୍ତୁ ତାର ଆକ୍ରମଣର ମୂଳର ଉଦ୍ଦେଶ୍ୟ ହେଉଛି ଅନ୍ୟଦେଶର ପ୍ରାକୃତିକ ଓ ଖଣିଜ ସମ୍ପଦ ଲୁଣ୍ଠନ କରି ଏବଂ ସମସ୍ତ ଦେଶ ଉପରେ ନିଜର ସାର୍ବଭୌମତ୍ୱ ବିସ୍ତାର କରି ଏକଛତ୍ରିବ ଶାସନ ଓ ବାଣିଜ୍ୟିକ ସମ୍ରାଜ୍ୟ ବିସ୍ତାର କରିବା। ବିଶ୍ୱର ଶାନ୍ତିକାମୀ ଜନଗଣ ଏହି ଫାଶିବାଦୀ ଆକ୍ରମଣକୁ ପ୍ରତିହତ କରି ଶକ୍ତିଶାଳୀ ଯୁଦ୍ଧ ବିରୁଦ୍ଧରେ ଶାନ୍ତି ଆନ୍ଦୋଳନ ଜାରି ରଖିବା ଉଚିତ୍। ଏହି ପରିପ୍ରେକ୍ଷୀରେ ଆମ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦି ମହାଶୟ ମାନବତାର ଅନ୍ୟତମ ଶତ୍ରୁ ଆମେରିକା ସୋହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ଆମ ଦେଶ ପାଇଁ ବିପଦଜନକ ଅଟେ। ତେଣୁ ଯୁଦ୍ଧକୁ ବିରୋଧ ସହିତ ଆମେରିକ ସୋହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ଆମ ଦେଶ ପାଇଁ ବିପଦଜନକ ଅଟେ। ତେଣୁ ଯୁଦ୍ଧକୁ ବିରୋଧ କରିବା ସହିତ ଆମେରିକା ସହିତ ସମସ୍ତ ସଂପର୍କ ଛିନ୍ନ କରିବା ପାଇଁ ସେ ଦୃଢ ଦାବି କରିଥିଲେ। ଉକ୍ତସଭାରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର କମ୍ରେଡ ମଧୁମିତା ସାହୁ,ବିଚିତ୍ରାନନ୍ଦ ଦାସ,ସଂଯୁକ୍ତା ସାହୁ,ପ୍ରଶାନ୍ତ ସ୍ୱାଇଁ ପ୍ରଭାତି ମଲ୍ଲିକ,ଦମୟନ୍ତୀ ମୁଦୁଲି ପ୍ରଶାନ୍ତ ଜେନା ,ବାବନ ମଲ୍ଲିକ,ବିଜୟ ଦାସ ପ୍ରମୁଖ ସିରିଆ ଉପରେ ଆମେରିକାର ରକେଟ ମାଡକୁ ଦୃଢନିନ୍ଦା କରିଥିଲେ।

ଗ୍ରାମ୍ୟ ସ୍ୱରାଜ ଗାଡି ଉଦ୍‌ଘାଟିତ

ନିମାପଡ଼ା(ଆପ୍ର): ସ୍ଥାନୀୟ ବିଜ୍ଞାପିତ ଅଂଚଳ ହାଟଛକସ୍ଥିତ କେନ୍ଦ୍ର ସରକାରଙ୍କ ଜନ ସଚେତନତା ଗାଡିକୁ ମହିଳା ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡା ଉଦ୍‌ଘାଟନ କରିଛନ୍ତି । ଲୋକମାନଙ୍କ ପାଖେ କେନ୍ଦ୍ର ସରକାରଙ୍କର ଯୋଜନା ପହଞ୍ଚାଇବା, ବାର୍ତ୍ତା ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଇବା ନିମନ୍ତେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଶନିବାର ପୂର୍ବାହ୍ନରେ ରାଜ୍ୟ ସଭାନେତ୍ରୀ ପତାକା ଉଡାଇ ଏହାକୁ ଉନ୍ମୋଚନ କରିଥିଲେ । ଆଗାମୀ ମେ ୫ତାରିଖ ପର୍ଯ୍ୟନ୍ତ ଏହ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଗରୀବ ଲୋକ ହକ୍ ଓ ଅଧିକାର ସୁରକ୍ଷିତ କରିବା କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଉଦ୍‌ଘାଟନ ସମୟରେ ଶ୍ରୀମତୀ ପରିଡା ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ସ୍ୱରାଜ ଯୋଜନା, ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛ ଭାରତ ଯୋଜନା ସମ୍ପର୍କରେ ସଚେତନ କରାଯିବ। କାର୍ଯ୍ୟକ୍ରମରେ ନିମାପଡା ନଗର କାଉନସିଲର ସମେତ ଶତାଧିକ ବ୍ୟକ୍ତି ଯୋଗଦେଇଥିଲେ ।

ପ୍ରଥମ ପର୍ଯ୍ୟାୟ ପଲସ୍ ପୋଲିଓ କାର୍ଯ୍ୟକ୍ରମର ଶୁଭାରମ୍ଭ

ଯାଜପୁର/ଧର୍ମଶାଳା(ଆପ୍ର): ଯାଜପୁର ଜିଲାରେ ପ୍ରଥମ ପର୍ଯ୍ୟାୟ ପଲସ୍ ପୋଲିଓ କାର୍ଯ୍ୟକ୍ରମ ରବିବାର ଠାରୁ ଆରମ୍ଭ ହୋଇଛି। ଜିଲାର ଜନ୍ମରୁ ୫ବର୍ଷ ବୟସ ପର୍ଯ୍ୟନ୍ତ ମୋଟ୍ ୧୮୯୮୩୨ଶିଶୁଙ୍କୁ ପୋଲିଓ ବୁନ୍ଦା ଦେବାର ବ୍ୟବସ୍ଥା ହୋଇଛି। ୩୦୨୬୫୮ ଗୃହକୁ ସର୍ଭେ କରି ୩୩୭୪କର୍ମଚାରୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ରବିବାର ପୂର୍ବାହ୍ନରେ ଜିଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି ଓ ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ଧଳ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପରେ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଜିଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ହୋଇଥିବା କେନ୍ଦ୍ରରେ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ବାରିସ କୁମାର ଦାସ, ତହସିଲଦାର ଲକ୍ଷ୍ମୀକାନ୍ତ ମିଶ୍ର, ଏଡ଼ିଏମ୍‌ଓ ଡ଼ାକ୍ତର ଫଣିନ୍ଦ୍ର କୁମାର ପାଣିଗ୍ରାହୀ, ଡ଼ା କାହ୍ନୁଚରଣ ନାୟକ, ସୂଚନା ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସମାଜସେବୀ ପରମାନନ୍ଦ ନାୟକ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଆନନ୍ଦ ଚନ୍ଦ୍ର ସାହୁ, ଡ଼ିପିଏମ୍ ଚିନ୍ମୟ କୁମାର ବରାଳ, ଶୁଭ୍ରଜିତ୍ ପୃଷ୍ଟି ପ୍ରମୁଖ ଯୋଗଦେଇ ଶିଶୁ ମାନଙ୍କୁ ପୋଲିଓ ବୁନ୍ଦା ଖୁଆଇଥିଲେ। ଜିଲାର ୮୨୬ ଗୋଟି ପୋଲିଓ ବୁଥ୍ ମାଧ୍ୟମରେ ଏହି ପୋଲିଓ ବୁନ୍ଦା ପ୍ରଦାନର ବ୍ୟବସ୍ଥା ହୋଇଥିବା ବେଳେ ୨୫ଗୋଟି ଟ୍ରାଜିଟ୍ ପଏଣ୍ଟ ଓ ୧୧ଗୋଟି ମୋବାଇଲ ଟିମ୍‌ର ବ୍ୟବସ୍ଥା କରାଯାଇଛି । ଏହାକୁ ପରିଚାଳନା କରିବା ପାଇଁ ୧୮୯ଜଣ ସୁପର ଭାଇଜରଙ୍କୁ ଦାୟିତ୍ୱ ଦିଆଯାଇଛି । ରବିବାର କେନ୍ଦ୍ର ମାନଙ୍କରେ ପୋଲିଓ ବୁନ୍ଦା ଦିଆଯାଇଥିବା ବେଳେ ପରବର୍ତ୍ତି ୨ ଦିନ ଘରକୁ ଘର ବୁଲି ବାକିଆ ରହିଯାଇଥିବା ଶିଶୁ ମାନଙ୍କୁ ପୋଲିଓ ବୁନ୍ଦା ଦିଆଯିବ ବୋଲି ସିଡ଼ିଏମ୍‌ଓ ସୂଚନା ଦେଇଛନ୍ତି। ସେହିପରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପଲସ ପୋଲିଓ ଟିକାକରଣ କାର୍ଯ୍ୟକ୍ରମରେ ରବିବାର ପ୍ରଥମ ଦିନରେ ୧୭ ,୯୭୯ ଶିଶୁଙ୍କୁ ପଲସ ପୋଲିଓ ଟିକା ଦିଆଯାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଚନ୍ଦ୍ରାମଣି ମିଶ୍ର ସୂଚନା ଦେଇଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମୋଟ ୨୦ ହଜାର ୨୮୦ ଜଣ ଶିଶୁଙ୍କୁ ଟିକାକରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ଟିକାକରଣ ରବିବାର ଶୁଭାରମ୍ଭ ହୋଇ ୧୭ ତାରିଖରେ ଶେଷ ହେବ।

aggû« cjû~m @ûe¸

ନିରାକାରପୁର,(ଆପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଷ୍ଟେସନ ବଜାରସ୍ଥିତ ମା ତାରିଣୀ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ ପଣାସଂକ୍ରାନ୍ତି ଅବସରରେ ୧୪ ତାରିଖଠାରୁ ଆରମ୍ଭ ହୋଇଛି। ଏହି ଯଜ୍ଞ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ।ପ୍ରତ୍ୟେକ ଦିନ ହୋମ,ଯଜ୍ଞ,ନାମସଂକୀର୍ତ୍ତନ ସହିତ ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ରହିଛି। ଏହି ଯଜ୍ଞସ୍ଥଳକୁ ବହୁ ସଂଖ୍ୟାରେ ଭକ୍ତମାନେ ଉପସ୍ଥିତ ରହି ଠାକୁରାଣୀଙ୍କ ଆର୍ଶିବାଦ ଲାଭ କରିବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

^ùKì Kù_ìùei^ fcùUW-_eicì_^ùe
iµ© aK _ìA
GKù_i^ @` A<ùeÁ (AI@ìA) @ìcªY

ନିକୋ କର୍ପୋରେସନ ଲିମିଟେଡ୍‌ର ପରିସମାପନ ପ୍ରକ୍ରିୟାରେ ସହାୟତା ପାଇଁ (ଯାହା ଏନ୍‌ସିଏଲ୍‌ଟି ଅର୍ଡରରେ ଦର୍ଶାଯାଇଥିବା ସିପି ନମ୍ବର ୦୩/କେବି/୨୦୧୭ ତାରିଖ ୧୭ ଅକ୍ଟୋବର ୨୦୧୭ ଅନୁସାରେ ନିମ୍ନ ହସ୍ତାକ୍ଷରକର୍ତ୍ତାଙ୍କୁ ପରିସମାପନକାରୀ ନିଯୁକ୍ତ କରାଯାଇଛି।) ପରିସମାପନକାରୀ ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍, ୨୦୧୬ର ଧାରା ୩୫(୧) (ଏଫ୍) ସହିତ ଆଇବିବିଆଇ (ପରିସମାପନ ପ୍ରକ୍ରିୟା) ନିୟମାବଳୀ ୨୦୧୭ର ନିୟମ ୩୩ ଅନ୍ତର୍ଗତ କମ୍ପାନୀର ବିଭିନ୍ନ ସମ୍ପତ୍ତି ପାଇଁ "ଯେଉଁଠାରେ ଯାହା ଅଛି ଓ ଯେଉଁଭଳି ଅଛି" ସ୍ଥିତିରେ ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ ଆମନ୍ତ୍ରଣ କରୁଛନ୍ତି।

^ùKì ùi f @ìùiU

୧. gýìc^Me ୱାର୍କ୍ସ, ୱେଷ୍ଟବେଙ୍ଗଲ;
୨. aìe_\ì ୱାର୍କ୍ସ, ଓଡ଼ିଶା;
୩. ଅଫିସ୍ ସ୍ପେସ୍ ଇନ୍ ^ùKì jìCi ଆଟ୍ ୨ ହାରେ ଷ୍ଟ୍ରିଟ୍, କୋଲକାତା;
୪. ଅଫିସ୍ ସ୍ପେସ୍ ଇନ୍ bKùeìf, c´ìA;
୫. ଗେଷ୍ଟ ହାଉସ୍ ଇନ୍ ù_ìIìA, c´ìA;
୬. ଇନ୍‌ଭେଷ୍ଟମେଣ୍ଟ A^ ^ùKì _ìK @ìŠ eRU fcùUW*
୭. ଇନ୍‌ଭେଷ୍ଟମେଣ୍ଟ ଇନ୍ ^ùKì A¬^deõ ibùii fcùUW;
୮. ଇନ୍‌ଭେଷ୍ଟମେଣ୍ଟ ଇନ୍ ନିକୋ ଭେଞ୍ଚର୍ସ ଲିମିଟେଡ୍ ଆଣ୍ଡ ଅଦର୍ ଏଣ୍ଟିଟି;
୯. ୧୪ ଯୁଜଡ୍ Kìe

* ùRGiG Pq, 1990 @«MZ Waýa@ìA@ìAWi I WaýaUWi @]Kìeùe
ଇଚ୍ଛୁକ ଆବେଦନକାରୀମାନେ ଆମନ୍ତ୍ରଣର ନିୟମ ଅନ୍ତର୍ଗତ GK aì GKì]K ସମ୍ପତ୍ତି ବିକ୍ରି ପାଇଁ ନନ୍-ରିଫଣ୍ଡେବୁଲ୍ ଫି ସହିତ ଇଓଆଇ ଦାଖଲ କରିପାରିବେ। ଇଓଆଇର ଅଧିକ ନିୟମ ଓ ସର୍ତ୍ତାବଳୀ ପାଇଁ http://www.niccogroup.com/ ବା http://vinodkothari.com/niccoliquidation/ ଦେଖନ୍ତୁ ବା niccoliquidation@gmail.comରେ ମେଲ୍ ପଠାନ୍ତୁ।

ଇଓଆଇ niccoliquidation@gmail.com; ରେ ମେଲ୍ କରାଯାଇପାରିବ ବା ଏହାର ଫିଜିକାଲ କପି ପଠାଯାଇପାରିବ:

ଶ୍ରୀ ବିନୋଦ କୁମାର କୋଠାରୀ, ପରିସମାପନକାରୀ
ନିକୋ କର୍ପୋରେସନ ଲିମିଟେଡ୍‌ର-ପରିସମାପନରେ
ଠିକଣା: ୧୦୦୬-୧୦୦୯, ୧୦ମ ମହଲା, କ୍ରିଷ୍ଣା ବିଲ୍ଡିଂ,
୨୨୪ ଏଜେସି ବୋଷ ରୋଡ, କୋଲକାତା-୭୦୦୦୧୭

AI@ìA ijZ @ìagýK ^^e`ùŠaf ` \ìLf Keaìe @«c ZìeL 30 G_f 2018, 18:59:59 icd i¡ì
ଡିସ୍‌କ୍ଲେମର: ଏହି ବିଜ୍ଞାପନ କମ୍ପାନୀ ସମ୍ପତ୍ତି ବିକ୍ରି ପାଇଁ ପ୍ରସପେକ୍ଟସ, ବା ଅଫର ଦସ୍ତାବିଜ୍ ବା ଲେଟର ଅଫ୍ ଅଫର୍ ଭାବେ ଗ୍ରହଣ କରାଯାଇପାରିବନାହିଁ। ଏହି ବିଜ୍ଞାପନ ଆବେଦନକାରୀଙ୍କ ଇଚ୍ଛା ପ୍ରକାଶ କରିବାର ଏକ ମାଧ୍ୟମ ଏବଂ ପରିସମାପନକାରୀଙ୍କ ତରଫରୁ ଏହା କୌଣସି ଚୁକ୍ତିବଦ୍ଧତା ନୁହେଁ। ଏହାସହ ପରିସମାପନକାରୀ ସମୟକ୍ରମେ ଏହି ଆମନ୍ତ୍ରଣକୁ ପରିବର୍ତ୍ତନ, ସଂଶୋଧନ ବା ସୂଚନାରେ ବୃଦ୍ଧି କରିପାରନ୍ତି। ଏହିଭଳି କୌଣସି ପରିବର୍ତ୍ତନ / ସଂଶୋଦନ / ସପ୍ଲିମେଣ୍ଟ / ସୁଦ୍ଧିପତ୍ର ପୁନଃପ୍ରକାଶିତ କରାଯିବନାହିଁ ଏବଂ ଏହାକୁ କମ୍ପାନୀର ୱେବସାଇଟ୍ http://www.niccogroup.com/ ମାଧ୍ୟମରେ ସୂଚାଇ ଦିଆଯିବ ଏବଂ ଏହାପରଠାରୁ କୌଣସି ସାର୍ବଜନିନ ବିଜ୍ଞପ୍ତି ପ୍ରକାଶ ପାଇବ ନାହିଁ।
ବିନୋଦ କୁମାର କୋଠାରୀ, ପରିସମାପନକାରୀ
ନିକୋ କର୍ପୋରେସନ ଲିମିଟେଡ୍-ପରିସମାପନରେ
ନିକୋ ହାଉସ୍, ୨, ହାରେ ଷ୍ଟ୍ରିଟ୍, କୋଲକାତା-୭୦୦୦୦୧
ଇମେଲ: niccoliquidation@gmail.com
ରେଜିଷ୍ଟ୍ରେସନ ନମ୍ବର: ଆଇବିବିଆଇ/ଆଇବିଏ-୦୦୨/ଆଇପି-ଏନ୍୦୦୦୧୯/୨୦୧୬-୧୭/୧୦୦୩୩
ତାରିଖ: ୧୩ ଏପ୍ରିଲ ୨୦୧୮ ସ୍ଥାନ: କୋଲକାତା

ZZúd _Âûe @agÁûõg

@ûguûe...

ଅର୍ଥ କମିଶନରୁ ମିଳିବାକୁ ଥିବା ଅର୍ଥକୁ ଯୋଡିବା ନେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରଶ୍ନକୁ ଶ୍ରୀ ପ୍ରଧାନ କଟୁ ସମାଲୋଚନା କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ୨୦୨୨ ନୂଆ ଭାରତ ଯୋଜନାରେ ସମସ୍ତଙ୍କ ମୁଣ୍ଡ ଉପରେ ପକ୍କା ଘର, ସମସ୍ତଙ୍କ ଘରେ ବିଜୁଳି, ସ୍ୱଚ୍ଛତା ପାଇଁ ପାଇଖାନା, ଆଦି ଯୋଜନା ପହଞ୍ଚାଇବାରେ ଭଲ କାମ କରିଥିବା ରାଜ୍ୟ ମାନଙ୍କୁ ଅଧିକ ରାଶି ଦିଆ ଯିବ। ଲୋକଙ୍କ ସେବା ପାଇଁ ଉଦ୍ଦିଷ୍ଟ ଯୋଜନାର ସଫଳ ରୂପାୟନ ହେଲେ ପଞ୍ଚଦଶ ଅର୍ଥ କମିଶନ ଅଧିକ ଅର୍ଥ ପ୍ରଦାନ କରିବାକୁ ଯେଉଁ ଟର୍ମ ଅଫ ରେଫରେନ୍ସ କରା ଯାଇଛି ତାହାକୁ ମୁଖ୍ୟମନ୍ତ୍ରୀ କାହିଁକି ବିରୋଧ କରିଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଟର୍ମ ଅଫ ରେଫରେନ୍ସରେ ଯେଉଁ ରାଜ୍ୟ ମାନେ ନିଜର ଟିକସ ବୃଦ୍ଧି କରାଇବାରେ ସଫଳ ହୋଇଥିବେ, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଅଧିକ ପ୍ରସ୍ତୁତ ହୋଇଥିବେ, ବିଜୁଳି ଯୋଗାଣର ମାନ ବୃଦ୍ଧି ସହ ପରିବହନ ଜନିତ କ୍ଷତି କମ କରିବାରେ ସଫଳ ହୋଇଥିବେ, ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦେଇ ସେମାନଙ୍କୁ ଅଧିକ ସ୍ୱାୟତ୍ତତା ଦେଇଥିବେ ଆଦିକୁ ପଞ୍ଚଦଶ ଅର୍ଥ କମିଶନ ଅଧିକ ଗୁରୁତ୍ୱ ଦେବା ପାଇଁ ଟର୍ମ ଅଫ ରେଫରେନ୍ସରେ ବ୍ୟବସ୍ଥା ରହିଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ସବୁ ବିକାଶର ମାପଦଣ୍ଡରେ ରାଜ୍ୟ ସରକାର ବିଗତ ୧୦ ବର୍ଷରେ ଉତ୍ତମ ପ୍ରଦର୍ଶନ କରି ଆସିଛନ୍ତି ବୋଲି ଦାବି କରି ଆସିଛନ୍ତି। ରାଜ୍ୟ ସରକାର ଭଲ କରିଛନ୍ତି ବୋଲି ଦାବି କରୁଥିବା ପ୍ରସଙ୍ଗ ଉପରେ ପୁରସ୍କାର ଦେବାକୁ କୁହାଗଲା ବେଳେ କାହିଁକି ମୁଖ୍ୟମନ୍ତ୍ରୀ ବିରୋଧ କରୁଛନ୍ତି ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ପଞ୍ଚଦଶ ଅର୍ଥ କମିଶନ ଯେତେବେଳେ ଓଡିଶାକୁ ଆସିବେ ସେତେବେଳେ ଓଡିଶାର ସଫଳତା ଓ ବିଫଳତାକୁ ନେଇ ଖୋଲାଖୋଲି ବିତର୍କ ହେବ। ସରକାର ତାଙ୍କର ପକ୍ଷ ରଖିବେ ଓ ରାଜ୍ୟର ବୁଦ୍ଧିଜୀବୀ ମାନେ ମଧ୍ୟ ତାଙ୍କର ପକ୍ଷ ରଖିବାକୁ ସ୍ୱତନ୍ତ୍ର ସୁବିଧା ଦିଆଯିବ । ବିଜେପି ମଧ୍ୟ ତାର ପକ୍ଷ ରଖିବ । ଏହି ଟର୍ମ ଅଫ ରେଫରେନ୍ସକୁ ତାମିଲନାଡୁ ବିରୋଧ କରିଛି। ଯଦି ସବୁ ତାମିଲନାଡୁ ଢାଞ୍ଚାରେ ଚାଲିବ ତେବେ ତାଙ୍କର କିଛି କହିବାର ନାହିଁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

AaùiZ ...

ସଂଯୋଗ କରୁଛି ଏହି ସେତୁ। ମୋଟାମୋଟି କହିବାକୁ ଗଲେ ଯେଉଁଠି ରମ୍ଭେଲାର ଡଙ୍ଗାଘାଟ ରହିଥିଲା ସେହି ସ୍ଥାନରେହିଁ ନିର୍ମାଣ ହୋଇଛି ଏହି ସେତୁ। ହୀରାକୁଦ ନଦୀବନ୍ଧ ଯୋଗୁ ବୁଡିଯାଇଥିବା ଐତିହ୍ୟ ସମ୍ପନ୍ନ ରମ୍ଭେଲା ଗାଁ ଉପରେ ଏହି ସେତୁ ନିର୍ମାଣ ହୋଇଥିବାରୁ ପ୍ରମାଣ ଦେଇଛି ପୋଲପାଖକୁ ଲାଗି ରହିଥିବା ପ୍ରାଚୀନ ହରିହର ମନ୍ଦିର। ୧୧୭.୫୦ କୋଟି ବ୍ୟୟରେ ୨.୫ କିମି ଦୀର୍ଘର ଏହି ସେତୁ ଏହି ଅଞ୍ଚଳବାସୀଙ୍କ ସେବାରେ ଲାଗିବ। ଏପରିକି ହୀରାକୁଦ ବୁଡି ଅଞ୍ଚଳବାସୀଙ୍କ ପାଇଁ ରାଜ୍ୟ ସରକାରଙ୍କ ଏହା ଏକ ଭେଟି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ସେତୁର ଉଦ୍‌ଘାଟନ ପରେ ମୁଖ୍ୟମନ୍ତ୍ରୀ ସମ୍ବଲପୁର ସ୍ଥିତ ଆଇଆଇଏମର ଦ୍ୱିତୀୟ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ପରେ ଯୋଗୀପାଲି ଠାରେ ୨୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ରେଙ୍ଗାଲି-ସପନେ ବାଇପାସ୍ ରାସ୍ତା ନିର୍ମାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବା ସହ ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ହିତାଧିକାରୀମାନଙ୍କୁ ସହାୟତା ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ବିକାଶର ଧାରା ଜାରି ରହିଛି। ଲୋକମାନେ ସରକାରଙ୍କ ସହ ସାମିଲ ହୋଇ ଏସବୁ ଯୋଜନାର ଫାଇଦା ନେବାକୁ ସେ ପରାମର୍ଶ ଦେଇଥିଲେ।

i¡û´eúu bMaZúu ^cªY

ବାଣପୁର,(ଆପ୍ର): ପରମ୍ପରା ଅନୁଯାୟୀ ପବିତ୍ର ଦୁର୍ଗୋତ୍ସବ ନିମନ୍ତେ ଭଉଣୀ ସିଦ୍ଧାମ୍ବରୀଙ୍କୁ ନିମନ୍ତ୍ରଣ କରିବା ପାଇଁ ବାଣପୁର ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା'ଭଗବତୀ ପଣା ସଂକ୍ରାନ୍ତି ସନ୍ଧ୍ୟାରେ ଘଣ୍ଟ କାହାଳୀ, ପାଟ ପଟୁଆରରେ ସୋଲରୀ ପାହାଡ ପାଦ ଦେଶରେ ଥିବା ଭାଟପଡା ଗଡକୁ ଯାତ୍ରା କରିଛନ୍ତି । ସେଠାରେ ମା'ଭଗବତୀ ପହଞ୍ଚିବା ପରେ ଗ୍ରାମରେ ଉଭୟ ଠାକୁରାଣୀଙ୍କୁ ବିଧିବିଧାନ ଅନୁଯାୟୀ ଭୋଗ ଲାଗି ହେବା ସହ ପୂଜାର୍ଚ୍ଚନା କରାଯାଇଥିଲା। ମା'ଭଗବତୀ ଭଉଣୀ ସିଦ୍ଧାମ୍ବରୀଙ୍କୁ ନିମନ୍ତ୍ରଣ କରି ରବିବାର ସକାଳେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଫେରିବା ବାଟରେ ବଡହନ୍ତୁଆଡ ନିକଟରେ ଥିବା ମା' ଟିକିରାଇଙ୍କ ମନ୍ଦିରରେ ମା' ଭଗବତୀଙ୍କୁ ଭୋଗଲାଗି କରାଯାଇଥିଲା । ସୂଚନା ଯୋଗ୍ୟଯେ ଭଗବତୀ ଛଅ ଭଉଣୀଙ୍କୁ ଦୁର୍ଗୋତ୍ସବ ନିମନ୍ତେ ବର୍ଷର ବିଭିନ୍ନ ସମୟରେ ନିମନ୍ତ୍ରଣ କରିଥାନ୍ତି। ମୂଳାଷ୍ଟମୀରେ ମା'କାଳିଜାଇ, ଅଶୋକାଷ୍ଟମୀରେ ମା' ନାରାୟଣୀ, ପଣା ସଂକ୍ରାନ୍ତିରେ ମା' ସିଦ୍ଧାମ୍ବରୀଙ୍କୁ ନିମନ୍ତ୍ରଣ କରିଥିବା ବେଳେ ଭେଟ ଅମବାସ୍ୟାରେ ମା' ବିରଜାଇଙ୍କୁ ନିମନ୍ତ୍ରଣ କରିଥାନ୍ତି।

ପୁସ୍ତକ ମେଳାରେ ଝୁମିଲେ ଦର୍ଶକ

ଜଟଣୀ,(ଆପ୍ର): ବିଂଶତମ ଜଟଣୀ ପୁସ୍ତକମେଳାର ରବିବାର ଷଷ୍ଠ ସଂଧ୍ୟାରେ ଓଡ଼ିଶାର କଳାସଂସ୍କୃତି ପାରମ୍ପରିକ ନୃତ୍ୟଗୀତ ମଧ୍ୟରେ ଉପସ୍ଥିତ ପୁସ୍ତକ ପ୍ରେମୀ ଓ ପାଠକପାଠିକାଙ୍କୁ ବିଭୋର କରିଦେଇଥିଲା। ଅଗ୍ରଣୀ ନୃତସଂଗୀତ ଅନୁଷ୍ଠାନ ସଂଗୀତାର କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ ଓ ହିନ୍ଦୁସ୍ଥାନୀ କଣ୍ଠସଂଗୀତ ପୁସ୍ତକ ମେଳା ପରିସରକୁ କଳା ଓ ସାହିତ୍ୟ ପରମ୍ପରାକୁ ବାନ୍ଧି ରଖିଥିଲା। ହିନ୍ଦୁସ୍ତାନୀ କଣ୍ଠ ସଂଗୀତ ସରସ୍ୱତୀ ବନ୍ଦନାରୁ ଆରମ୍ଭ ହୋଇ ଓଡ଼ିଶୀ ନୃତ୍ୟର ଦଳଗତ ଭାବେ କଳାକାରଙ୍କ ଦ୍ୱାରା ମଙ୍ଗଳାଚରଣ, ଦେଶାତ୍ମବୋଧକ ନୃତ୍ୟ- ସୁନ୍ଦର ମୋ ଜନମଭୂମି, ଭଜନ ନୃତ୍ୟ- ଜଗନ୍ନାଥ ହେ ମୁଁ ତୁମ ଝିଅ ହୋଇଥାନ୍ତି, ସମ୍ବଲପୁରୀ ଡାଲଖାଇ ନୃତ୍ୟ, ପ୍ରାର୍ଥନାରେ କି ସୁନ୍ଦର ଆହା କି ଆନନ୍ଦମୟ..., ପଲ୍ଲୀନୃତ୍ୟ ଚକାଜହ୍ନ କେତେ ଝିଲିମିଲି ଭଳି ପରିବେଷିତ ଅନେକ ପାରମ୍ପରିକ ନୃତ୍ୟ ଗୀତ ସମାରୋହ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା।